ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
DATE:24/01/2018

# ବିଦ୍ୟାଳୟସ୍ତରୀୟ ଶିକ୍ଷକ ସମ୍ମିଳନୀ

ତମାଣ୍ଡୋ, ୨୩।୧ (ନି.ପ୍ର): ମଦନପୁରସ୍ଥିତ ନିସ୍ ଜୁନିୟର କଲେଜ ପରିସରରେ ଖୋର୍ଦ୍ଧା ଜିଲା ଓଷ୍ଟା ଶିକ୍ଷକ ସଂଘର ମିଳିତ ସହଯୋଗରେ ଏକ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟସ୍ତରରେ ଗୁଣାତ୍ମକ ଶିକ୍ଷାର ପ୍ରୟୋଗ ପୂର୍ବକ ଶିକ୍ଷାର ମାନ ବୃଦ୍ଧି, ବିଦ୍ୟାର୍ଥୀଙ୍କୁ ଉନ୍ନତମାନର ଶିକ୍ଷାଦାନ, ଛାତ୍ରଛାତ୍ରୀଙ୍କ ମେଧାଶକ୍ତି ବୃଦ୍ଧି, ଶିକ୍ଷାଦାନ ପରେ ଶିକ୍ଷାର୍ଥୀଙ୍କୁ କର୍ମାଭିମୁଖୀ କରିବା ଉପରେ ଆଲୋଚନା ହୋଇଥିଲା। ନିସ୍ ଗଣିତ ବିଭାଗ ମୁଖ୍ୟ ପ୍ରଫେସର ଆଦିତ୍ୟ ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ମିଳନୀରେ କଲେଜର ପ୍ରତିଷ୍ଠାତା ସୁଭାଷ ଚନ୍ଦ୍ର ନାୟକ, ଡିନ୍ ଡା. ଶ୍ରୁତିକାନ୍ତ ଦୀକ୍ଷିତ, ସହପ୍ରତିଷ୍ଠାତା ସ୍ମୃତିସୁଧା ନାୟକ, ଅଧ୍ୟକ୍ଷା ଡା. ସରୋଜ କାନ୍ତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଖୋର୍ଦ୍ଧା ଜିଲାରୁ ୨୦୦ରୁ ଅଧିକ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ସମ୍ମିଳନୀରେ ଯୋଗ ଦେଇଥିବେ ବୋଲି ପ୍ରଶାସନିକ ଅଧିକାରୀ ପୀତାମ୍ବର ଚୟନୀ କହିଛନ୍ତି।